# ୬ ଜଣିଆ ଉଚ୍ଚସ୍ତରୀୟ କମିଟିର ତଦନ୍ତ

## ବିହନ ବଣ୍ଟନରେ ଅନିୟମିତତା ଅଭିଯୋଗ ଘଟଣା

ବଇଣ୍ଡା, ୧୩।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟରେ ବିହନ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ରାଇସ ଫେଲୋ ମ୍ୟାନେଜମେଣ୍ଟ (ଆର୍‌ଏଫ୍‌ଏମ୍) ଅଧୀନରେ ମୁଗ, ବିରି ବିହନ ଏବଂ ରୋଗପୋକ ରୋକିବା ପାଇଁ ଦିଆଯାଇଥିବା ଔଷଧ ଚାଷୀଙ୍କୁ ବଣ୍ଟନ କରାଯାଇ ନାହିଁ। ନାନୋ ଡିଏପି ଆଦୌ ବଣ୍ଟାଯାଇ ନ ଥିବାବେଳେ ଅନ୍ୟ ସାର, ଔଷଧ ଆଂଶିକ ଦିଆଯାଇଛି। ଏ ନେଇ ଲୁଣହାଣ୍ଡି ଗ୍ରାମର ବିଶ୍ୱଜିତ ଗାଇଗରିଆ ୨୦୨୬ ଜାନୁଆରୀ ୩ରେ ଜିଲା କୃଷି ଅଧିକାରୀ, କୃଷି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ଗୁରୁବାର ଅତିରିକ୍ତ ଜିଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇ, ତାଳଚେର ବ୍ଲକ କୃଷି ଅଧିକାରୀ ନାରାୟଣ ସାହୁ, ଆଠମଲ୍ଲିକ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ, ବଁଅରପାଳ ବ୍ଲକ କୃଷି ଅଧିକାରୀ ଦୀପ୍ତି ଦୀପାଳି, ଛେଣ୍ଡିପଦା ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ସାହୁ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ସୁଦାମ ବେହେରାଙ୍କୁ ମିଶାଇ ଏକ ୬ ଜଣିଆ ଟିମ୍ କିଶୋରନଗର ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୩-୨୪ ଓ ୨୦୨୪-୨୫ କୃଷିବର୍ଷରେ ଆର୍‌ଏଫ୍‌ଏମ୍ ଯୋଜନାରେ କିଶୋରନଗର ବ୍ଲକକୁ ପ୍ରାୟ ୧୭୦୦ କୁଇଣ୍ଟାଲ ମୁଗ, ୧୦୦୦ରୁ ଅଧିକ କୁଇଣ୍ଟାଲ ବିରିବିହନ ଆସିଥିଲା। ଏହାସହିତ ପ୍ରାୟ ୧୬ ପ୍ରକାର ଔଷଧ ଓ ସାର ଚାଷୀଙ୍କୁ ମାଗଣାରେ ପ୍ରଦାନ କରିବାକୁ ସରକାର ନିର୍ଦ୍ଧାରଣ କରିଥିଲେ। ମାତ୍ର ଚାଷୀଙ୍କୁ ସମ୍ପୂର୍ଣ୍ଣ ପରିମାଣରେ ବିହନ ଓ ସାର ଦିଆଯାଇ ନ ଥିଲା। ଏପରିକି ୨୦୨୪-୨୫ରେ ବ୍ଲକକୁ ଆସିଥିବା ନାନୋ ଡିଏପି ସମ୍ପୂର୍ଣ୍ଣ ହଡ଼ପ କରି ଅନ୍ୟତ୍ର ବିକ୍ରି କରି ଦିଆଯାଇଥିଲା। ସାର ଓ ଔଷଧ ମଧ୍ୟରୁ କେବଳ ନାନୋ ଡିଏପି ୭୦୦ ଲିଟର ଆସିଥିବାବେଳେ ଚାଷୀଙ୍କୁ ବୁନ୍ଦାଏ ପ୍ରଦାନ କରାଯାଇନାହିଁ। ଭିଏଲ୍‌ଡବ୍ଲ୍ୟୁଙ୍କୁ ଏହା ସମ୍ପର୍କରେ ଅବଗତ ମଧ୍ୟ କରାଯାଇ ନାହିଁ। ଚାଷୀଙ୍କୁ ଶତପ୍ରତିଶତ ବିହନ ବଣ୍ଟନ କରାଯାଇ ନ ଥିବାବେଳେ ଏହି ଦାୟିତ୍ୱରେ ଥିବା ଏନ୍‌ଜିଓ ସରକାରଙ୍କଠାରୁ ସମସ୍ତ ଟଙ୍କା ନେଇଯିବାରେ ସଫଳ ହୋଇଛି। ଏହି ଅଭିଯୋଗର ତଦନ୍ତ ପାଇଁ ଆସିଥିବା ୬ ଜଣିଆ ଉଚ୍ଚସ୍ତରୀୟ କମିଟି ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ତନଖି କରିବା ସହିତ ଷ୍ଟକ୍ ରେଜିଷ୍ଟର ଓ ବ୍ୟବହାର ପ୍ରମାଣପତ୍ର (ୟୁସି) ଯାଞ୍ଚ କରିଥିଲେ। ଏଥିରେ ବ୍ୟାପକ ଅସଙ୍ଗତି ହୋଇଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ନେଇ କିଶୋରନଗର ବ୍ଲକ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି, ବିହନ ଯୋଗାଣରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ତଦନ୍ତ ଚାଲିଛି। ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦୀପ୍ତିମୟୀ ସିଂ ତଦନ୍ତ ରିପୋର୍ଟ ଆସିବା ପରେ ଜଣାପଡ଼ିବ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।



କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟରେ ତଦନ୍ତକାରୀ ଟିମ୍ ଅଭିଯୋଗର ତଦନ୍ତ କରୁଛନ୍ତି।

# ୧୫ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ

## ୩ ମାସ ହେବ ଯୋଗାଣ ହୋଇନି ଚାଉଳ

ବଇଣ୍ଡା, ୧୩।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକୁ ୩ ମାସ ହେବ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଇ ଦିଆଯାଇ ନ ଥିବାରୁ ୧୫ଟି ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦଥିବା ଜଣାପଡିଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚାଉଳ ଯୋଗାଣରେ ବିଳମ୍ୱ କରାଯାଉଥିବାରୁ ଏହି ବିଦ୍ୟାଳୟଗୁଡ଼ିକରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକରେ ୧୧୪ଟି ପ୍ରାଥମିକ ବିଦ୍ୟାଳୟ, ୭୩ ଉଚ୍ଚ ପ୍ରାଥମିକ ଓ ୨୭ଟି ହାଇସ୍କୁଲ ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପ୍ରତ୍ୟେକ ମାସରେ ୧୧ଶହ କୁଇଣ୍ଟାଲ ଚାଉଳର ଆବଶ୍ୟକତା ରହିଛି। ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଜିଲା ଶିକ୍ଷା ବିଭାଗ ପ୍ରତ୍ୟେକ ବିଦ୍ୟାଳୟକୁ ଚାଉଳ ଯୋଗାଇ ଦେଇଥିଲା। ହେଲେ ଜାନୁଆରୀ ୨୦୨୬ ଠାରୁ ଆଉ ଚାଉଳ ଯୋଗାଣ ହୋଇନାହିଁ। ବହୁ ବିଦ୍ୟାଳୟର କର୍ତ୍ତୃପକ୍ଷ ପଡ଼ୋଶୀ ବିଦ୍ୟାଳୟରୁ ଚାଉଳ ଧାର ଆଣି କାମ ଚଳାଉଥିବାବେଳେ ମଇମୁରା ପଞ୍ଚାୟତର ୩ଟି, କନ୍ତପଡ଼ା ପଞ୍ଚାୟତର ୪, କିଆକଟା ପଞ୍ଚାୟତର ୩, ପୁରୁଣାମାଣତ୍ରି ପଞ୍ଚାୟତର ୨, ସାପଘରା ପଞ୍ଚାୟତର ଗୋଟିଏ, କୁରୁମଟାପ ପଞ୍ଚାୟତର ୨ଟି ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ ରହିଛି। ଏଥିସହ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳ ବସ୍ତାରେ ୫୦ କେଜି ସ୍ଥାନରେ ୪୪ରୁ ୪୫ କେଜି ଚାଉଳ ରହୁଥିବା କେତେଜଣ ଶିକ୍ଷକ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ଡିସେମ୍ବର ପର୍ଯ୍ୟନ୍ତ ଚାଉଳ ଯୋଗାଇ ଦିଆଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## ପାଲଲହଡ଼ା: ୧୭ ସ୍କୁଲରେ ଠପ୍

ପାଲଲହଡ଼ା, ୧୩।୩ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଶିକ୍ଷା ଜିଲାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲକୁ ମିଶାଇ ୨୪୧ ସ୍କୁଲ ରହିଥିବା ବେଳେ ପ୍ରତ୍ୟେକ ଦିନ ୧୬,୧୬୭ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଛନ୍ତି। ହେଲେ ଚାଉଳ ଯୋଗାଣ ହୋଇ ନ ଥିବାରୁ ୧୭ଟି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଠପ୍ ହୋଇଯାଇଛି। ଏ ନେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ କହିଛନ୍ତି, ୨୦୨୫ ଡିସେମ୍ବର ମାସରେ ଚାଉଳ ଦିଆଯାଇଥିଲା। ଏହାପରେ ଅଢେଇ ମାସ ହେଲା କୌଣସି ସ୍କୁଲକୁ ଚାଉଳ ଯାଇନାହିଁ। ଉଧାରରେ ଚାଉଳ ଆଣି ମାଧ୍ୟାହ୍ନ ଭୋଜନ ଚଳାଇବା ପାଇଁ କୁହାଯାଇଛି। ଜିଲାରେ ଟେଣ୍ଡର ପ୍ରକ୍ରିୟା ହୋଇ ନ ଥିବାରୁ ଚାଉଳ ଆସିପାରି ନ ଥିବା ଜଣାପଡ଼ିବା ପରେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

# ୬ ବର୍ଷର ଝିଅ ସହ ମା' ନିଖୋଜ

ସନ୍ତ୍ରିଛକ, ୧୩।୩ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ଥାନା ଗଡ଼ତଳମୂଳ ଗ୍ରାମର ଜଣେ ମହିଳା ନିଜ ୬ ବର୍ଷର ଝିଅକୁ ଧରି ବାପଘର ଯାଉଥିବା କହି ଘରୁ ବାହାରି ଯାଇଥିଲେ ହେଁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗୁରୁବାର ପୂର୍ବାହ୍ନ ୧୧ଟାରେ ସମ୍ପୃକ୍ତା ମହିଳା ଝିଅକୁ ଧରି ଲକ୍ଷ୍ମୀ ବସ୍‌ରେ ବସି ବାପ ଘର ଅନୁଗୋଳ ଅଭିମୁଖେ ଯାଇଥିଲେ। ହେଲେ ଶୁକ୍ରବାର ସୁଦ୍ଧା ବାପଘରେ ସେ ପହଞ୍ଚି ନ ଥିବା ଜଣାପଡ଼ିଛି। ଚାରିଆଡ଼େ ଖୋଜାଖୋଜି କରାଯାଇଥିଲେ ମଧ୍ୟ ମହିଳା ଓ ତାଙ୍କ ଝିଅର କୌଣସି ସନ୍ଧାନ ମିଳିନାହିଁ। ଫଳରେ ସ୍ତ୍ରୀ ଓ ଝିଅ ନିଖୋଜ ହୋଇଯାଇଥିବା ନେଇ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# 'ନାରୀଙ୍କୁ ସଶକ୍ତ କରିବା ସମସ୍ତଙ୍କ ଦାୟିତ୍ୱ'

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଆଠମଲ୍ଲିକ, ୧୩।୩ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣୀ ମଣ୍ଡପ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କାଉନସିଲର ନୂତନ ବେହେରା, ଶିଳି ମୁଣ୍ଡା, ପ୍ରୀତି ନାଏକ, ମଞ୍ଜରୀ ଦନ୍ତା ପ୍ରମୁଖ ଯୋଗଦେଇ ନାରୀଙ୍କୁ ସଶକ୍ତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ ଭଲ କାର୍ଯ୍ୟ କରିଥିବାରୁ ଏଫ୍‌ଏସ୍‌ଟିପି ଗ୍ରୁପ୍, ଏମ୍‌ଆର୍‌ଏଫ୍ ଗ୍ରୁପ୍, ଆହାର ଗ୍ରୁପ୍ ଅଙ୍ଗନୱାଡି ୱାର୍କର, ମହିଳା ପୌର କର୍ମଚାରୀ, ସଫେଇ କର୍ମଚାରୀ ରୋଜି ବେହେରା, ପିଙ୍କି ବେହେରା, ମିନା ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଡିଏମ୍‌ଏମ୍ ସୀମା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କେବଳ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ପାଲା ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ପୌର କର୍ମଚାରୀ ସଙ୍ଗୀତା ମହାପାତ୍ର, କଲ୍ୟାଣୀ ଗଡ଼ନାୟକ, ସସ୍ତାଦିକା ବେହେରାମାଳୀ, ଅବିନାଶ ମିଶ୍ର, ରମାକାନ୍ତ ବିଶ୍ୱାଳ, ନିର୍ମଳ ବେହେରା, ଉମାକାନ୍ତ ଦାସ, ବିଶ୍ୱରଞ୍ଜନ ଭୁକ୍ତା, ସଂଗ୍ରାମ ପଟ୍ଟନାୟକ, ଅଚ୍ୟୁତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

ବଁଅରପାଳ, ୧୩।୩ (ସୁବାସ ସାହୁ)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟ ଶିକ୍ଷା ବିଭାଗ ତରଫରୁ 'ଏନ୍‌ଇପି ୨୦୨୦ ଚାଲେଞ୍ଜେସ୍ ଫର୍ ହାୟର ଏଜୁକେଶନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ପୂର୍ବତନ ମୁଖ୍ୟ ଡ. ସଂଯୁକ୍ତା ବେବର୍ତ୍ତା ଯୋଗଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ପାର୍ଥବୀର ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ପୂର୍ଣ୍ଣେନ୍ଦୁ ଭୂତିଆ, ଅଧ୍ୟାପକ ମନୋଜ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ସ୍ମିତା ବେହେରା ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ଛାତ୍ରୀ ଦୀପ୍ତିମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ସ୍ମୃତିରେଖା ରଣା ଧନ୍ୟବାଦ ଦେଇଥିଲେ। ବିଭାଗର ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରୀମାନେ।

# ରାସ୍ତାପାର୍ଶ୍ୱରେ ବଢୁଛି କାଚ, ପ୍ଲାଷ୍ଟିକ ଆବର୍ଜନା ଗଦା

ଅନୁଗୋଳ, ୧୩।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା କାଙ୍ଗୁଲା ବେନ୍ତପୁର ଗାଁରୁ ନାଲ୍‌କୋ ଟାଉନଶିପ୍ ଯାତାୟାତ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ପ୍ଲାଷ୍ଟିକ ଓ କାଚ ବୋତଲ ଆବର୍ଜନା ଗଦା କରାଯାଉଥିବା ଦେଖାଯାଇଛି। କିଏ ଓ କାହିଁକି ଏହି ଆବର୍ଜନା ଗଦା କରୁଛନ୍ତି, ସେ ନେଇ କୌଣସି ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ବଢୁଥିବାବେଳେ ରାସ୍ତା ପାର୍ଶ୍ୱରେ ବେଇଆନ କବାଡି ଆବର୍ଜନା ଗଦା ଦିନକୁ ଦିନ ବୃଦ୍ଧି ପାଉଛି। ଦୈନନ୍ଦିନ ଏହି ରାସ୍ତା ଦେଇ ବହୁ ସଂଖ୍ୟାରେ ଲୋକ ନାଲ୍‌କୋ କାରଖାନାକୁ ଯାତାୟାତ କରୁଛନ୍ତି। ରାସ୍ତାପାର୍ଶ୍ୱରେ ଗଦା ହୋଇଥିବା ଏହି ଆବର୍ଜନା ଅନେକ ସମୟରେ ରାସ୍ତା ଉପରକୁ ଆସି ଯାଉଥିବାରୁ ଯାତାୟାତରେ ଅସୁବିଧା ଉପୁଜୁଛି। ବିଶେଷକରି ରାତି ସମୟରେ ମଦ୍ୟପମାନେ ଏଠାରେ ଥିବା କାଚ ବୋତଲ ଭାଙ୍ଗି ରାସ୍ତାରେ ପକାଉଛନ୍ତି। ଏହି ଆବର୍ଜନା ପରିବେଶକୁ ପ୍ରଦୂଷିତ କରୁଥିବା ବେଳେ ଲୋକେ ଯାତାୟାତରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର୍ଶ୍ୱରେ ବଢୁଥିବା ଏହି ବେଆଇନ ଆବର୍ଜନା ଗଦା ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବେଆଇନ ଭାବେ ପ୍ଲାଷ୍ଟିକ ଓ କାଚ ବୋତଲ ଆବର୍ଜନା ଗଦା କରାଯାଇଛି।

# ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋଚନା



ଇଂଲିଶ ଓ ବାଣିଜ୍ୟ ବିଭାଗର ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

ବନ୍ତଲା, ୧୩।୩ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ସ୍ନାତକ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟରେ ଇଂଲିଶ ଓ ବାଣିଜ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ଅଧ୍ୟାପକ ତଥା ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଯୋଗଦେଇ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ବିଭାଗୀୟ ମୁଖ୍ୟ ଡ. ମିନତି ସାହୁ ପ୍ରଶ୍ନୋତ୍ତର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପରେ ବାଣିଜ୍ୟ ବିଭାଗର ପାଠଚକ୍ର ଆଲୋଚନା ହୋଇଥିଲା। ଏଥିରେ ଛେଣ୍ଡିପଦାସ୍ଥିତ ବାପୁଜୀ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ସତ୍ୟନାରାୟଣ ପ୍ରସାଦ ମୁଖ୍ୟବକ୍ତା ଭାବରେ ଯୋଗଦେଇ କର୍ପୋରେଟ ଜଗତରେ ନାଲ୍‌କୋ ଓ ସାମାଜିକ ଦାୟିତ୍ୱବୋଧ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନେ ଆଲୋଚନାରେ ଭାଗ ନେଇ ଏ ଦିଗରେ ଗଭୀର ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ସୁମନ ପ୍ରଧାନ, ଅଧ୍ୟାପକ ଦୀପାୟନ ମହାପାତ୍ର, ଶ୍ରୀତମ ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୧୩।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ରଜନୀ ବେହେରାଙ୍କୁ ତାଙ୍କ ସ୍ୱାମୀ ଶ୍ରୀମୁଖ ବେହେରା ନିର୍ଯାତନା ଦେଉଥିବା ରଜନୀ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୮/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ରଜନୀ ୫ ବର୍ଷ ତଳେ ଶ୍ରୀମୁଖଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁଅ ଥିବାବେଳେ ଶ୍ରୀମୁଖ କିଛି ମାସ ହେବ ନିର୍ଯାତନା ଦେଇ ମାଡ଼ମାରି ଘରୁ ବାହାର କରିଦେବା ସହ ଦ୍ୱିତୀୟ ବିବାହ କରିଥିବା ରଜନୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୩।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା କୁଡ଼ିଆବାହାଳ ଗ୍ରାମର ଜଗଦୀଶ ନାୟକଙ୍କୁ କେତେଜଣ ଯୁବକ ମାଡ଼ ମାରିବା ସହ ତାଙ୍କ ବାଇକ୍‌କୁ ଭାଙ୍ଗି ଦେଇଥିବା ଜଗଦୀଶ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୬୫/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଗଦୀଶ ଘରକୁ ଯାଉଥିବାବେଳେ ନିକଟସ୍ଥ ଅଞ୍ଚଳକୁ ଆସିଥିବା କେତେଜଣ ବରଯାତ୍ରୀ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଫେବୃଆରୀରେ ୪୦ ଦୁର୍ଘଟଣା, ୧୯ ଜଣଙ୍କ ମୃତ୍ୟୁ

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ, ୧୩।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତ ଫେବୃଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଦସ୍ୟଙ୍କୁ ଅବଗତ କରାଯାଇଥିଲା।

ପରିବହନ ବିଭାଗ ସୂଚନା ଅନୁଯାୟୀ, ଫେବୃଆରୀ ମାସରେ ଅନୁଗୋଳ ଜିଲାରେ ମୋଟ ୪୦ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି। ୨୧ଜଣ ଆହତ ହୋଇଛନ୍ତି। ସେହିପରି ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୧୧୧୫ ଜଣ, ଦ୍ରୁତ ଗାଡ଼ି ଚାଳନା ଅଭିଯୋଗରେ ୧୦୩୩ ଜଣ, ମଦ୍ୟପାନ କରି ଗାଡି ଚାଳନା ଅଭିଯୋଗରେ ୧୮ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୯ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୪୩୨ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।




ସଡ଼କ ସୁରକ୍ଷା କମିଟି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

# ୨୧୧ ମେଧାବୀ ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ଫେଲୋଶିପ୍

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଅରୁଣିମାର ତୃତୀୟ ସଂସ୍କରଣ

ଢେଙ୍କାନାଳ, ୧୩।୩ (ରତନ ନାୟାର)

ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ କିଶୋରମାନଙ୍କ ମଧ୍ୟରେ ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ମେରାମଣ୍ଡଳୀଠାରେ 'ଅରୁଣିମା'ର ତୃତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଏସ୍ ଭଗତ ସମଲ କଲ୍ୟାଣରାଓ, ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ସମବାୟ ସମିତି ସମୂହର ଡେପୁଟି ରେଜିଷ୍ଟ୍ରାର (ଡିଆର୍‌ସିଏସ୍) ଉମାଶଙ୍କର ଦାସ, ଟାଟା ଷ୍ଟିଲ୍ ମିଲ୍ସ ଆଣ୍ଡ ଡାଉନଷ୍ଟ୍ରିମ ଚିଫ୍ କପିଳ ମୋଦି, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ସିଏଚ୍‌ଆର୍‌ଓ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ସମବାୟ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗୃହଲକ୍ଷ୍ମୀ ସମବାୟ ସମିତିର ପ୍ରାୟ ୨୫୦ ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମବାୟ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀର ବିକାଶ ତଥା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୀମାରାଣୀ ପୃଷ୍ଟି, ସ୍ମିତା ବିଶ୍ୱାଳ, ରଶ୍ମିତା ସାହୁ ଏବଂ ସୁଭଦ୍ରା ନାୟକଙ୍କୁ 'ମହିଳା ଚେଞ୍ଜମେକର' ଭାବେ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୨୧୧ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ 'ଜ୍ୟୋତି ଫେଲୋଶିପ୍' ବୃତ୍ତି ପ୍ରଦାନ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ସଫଳ ଯୁବତୀଯୁବକ ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

